# NATIONAL NEWS BULLETIN (ODIA)

**24 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଶ୍ରୀହରିକୋଟାରୁ ଯୋଗାଯୋଗ ଉପଗ୍ରହ ବ୍ଲୁବାର୍ଡ ବ୍ଲକ୍-ଟୁ ର ସଫଳ ଉତ୍କ୍ଷେପଣ

– ଶୁଭେଚ୍ଛା ଜଣାଇଲେ  ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

- ବିକଶିତ ଭାରତ ଜିରାମଜି ଆଇନ ରାଜ୍ୟଗୁଡ଼ିକୁ ନିଜସ୍ୱ ଯୋଜନା ପ୍ରସ୍ତୁତ ଓ କାର୍ଯ୍ୟକାରୀ କରିବାକୁ ଅଧିକାର ପ୍ରଦାନ କରିଛି, କହିଲେ କୃଷିମନ୍ତ୍ରୀ
- ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ରାଷ୍ଟ୍ର ପ୍ରେରଣାସ୍ଥଳକୁ ଆସନ୍ତାକାଲି ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ପ୍ରଧାନମନ୍ତ୍ରୀ
- ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଆଜିଠାରୁ ଆରମ୍ଭ

-ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି

ଏବଂ

- ଆରାବଳୀ ପର୍ବତ ସଂପର୍କିତ ସୁପ୍ରିମକୋର୍ଟଙ୍କ ରାୟ ଉପରେ ବିରୋଧୀ କରୁଛନ୍ତି ଅପପ୍ରଚାର, କହିଲେ ପରିବେଶ ଓ ଜଙ୍ଗଲ ମନ୍ତ୍ରୀ

## ଇସ୍ରୋ- ଗ୍ଲୋବାଲ୍ ବ୍ଲକ୍ ଟୁ

ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟରୁ ଯୋଗାଯୋଗ ଉପଗ୍ରହ ବ୍ଲୁ ବାର୍ଡ ବ୍ଲକ୍-ଟୁ ର ସଫଳ ଉତ୍କ୍ଷେପଣ କରାଯାଇଛି । ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ-ଇସ୍ରୋ ପକ୍ଷରୁ ଆଜି ଭାରତୀୟ ସମୟ ସକାଳ ୮ଟା ୫୫ ମିନିଟ୍‌ରେ ସତୀଶଧାବନ ମହାକାଶ କେନ୍ଦ୍ରରୁ ଏହି ଉତ୍କ୍ଷେପଣ

କରାଯାଇଛି । ଉତ୍କ୍ଷେପଣର ୧୫ ମିନିଟ୍ ପରେ ମହାକାଶ ଯାନରେ ବ୍ଲୁ ବାର୍ଡ ବ୍ଲକ୍-ଟୁ ଅଲଗା ହେବା ସହିତ ସଫଳତାର ସହ ଏହାର କକ୍ଷପଥରେ ସ୍ଥାପିତ ହୋଇଛି ।

ଇସ୍ରୋ ଅଧ୍ୟକ୍ଷ ଭି.ନାରାୟଣନ୍ ଆମେରିକାର ଏହି ଏଏସ୍‌ଟି ସ୍ପେସ୍ ମୋବାଇଲ୍‌ର ବ୍ଲୁ ବାର୍ଡ ବ୍ଲକ୍-ଟୁ ଯୋଗାଯୋଗ ଉପଗ୍ରହର ସଫଳ ଉତ୍କ୍ଷେପଣକୁ ପ୍ରଶଂସା କରିଛନ୍ତି । LV-M3-M-6 ଶକ୍ତିଶାଳୀ ପ୍ରକ୍ଷେପଣ ଯାନ ମାଧ୍ୟମରେ ଏହି ବାଣିଜ୍ୟିକ ଉପଗ୍ରହକୁ ସଫଳତାର ସହ ଉତ୍କ୍ଷେପଣ କରାଯାଇଥିଲା । ଶ୍ରୀ ନାରାୟଣନ୍ କହିଛନ୍ତି, ଇସ୍ରୋର ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ସେ ବର୍ଣ୍ଣନା କରିଛନ୍ତି ।

ସ୍ମାର୍ଟ୍‌ଫୋନ୍ ଗୁଡ଼ିକରେ ଫୋର୍-ଜି ଏବଂ ଫାଇଭ୍-ଜି ସେବାକୁ ଅଧିକ ସଶକ୍ତ କରିବାରେ ଏହି ଉପଗ୍ରହ ଉପଯୋଗୀ ସାବ୍ୟସ୍ତ ହେବ । ମହାକାଶ ଆଧାରିତ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବିଶ୍ୱ ଡିଜିଟାଲ୍ କ୍ଷେତ୍ରକୁ ଏହି ଉପଗ୍ରହ ଯୋଗାଯୋଗ ବ୍ୟବସ୍ଥା ଅଧିକ ବ୍ୟାପକ କରିବ ବୋଲି ଜଣାପଡ଼ିଛି । ଏନ୍.ଏସ୍.ଆଇ.ଏଲ୍. ହେଉଛି ଏକ ବାଣିଜ୍ୟିକ ମିଶନ୍ ଯାହା ବିଶ୍ୱ ମହାକାଶ ବଜାରରେ ଭାରତକୁ ସୁଦୃଢ଼ ଭିତ୍ତି ପ୍ରଦାନ କରୁଛି ।

ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସ୍ରୋକୁ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ମହାକାଶ କାର୍ଯ୍ୟକ୍ରମ ଯୁବବର୍ଗଙ୍କ ସମର୍ଥନ ଦ୍ୱାରା ଅଧିକ ଉନ୍ନତ ଓ ପ୍ରଭାବଶାଳୀ ହୋଇପାରିଛି ।

ଅନ୍ୟମାନଙ୍କ ମଧ୍ୟରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ବିଜ୍ଞାନ ଓ ବୈଷୟିକ ଜ୍ଞାନ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଏହି ସଫଳତା ପାଇଁ ଇସ୍ରୋକୁ ଅଭିନନ୍ଦନ ଜଣାଇଛନ୍ତି ।

---

## ଶିବରାଜ-ଜିରାମଜି

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି, ବିକଶିତ ଭାରତ ଜିରାମଜି ଯୋଜନା ଅଧୀନରେ କେନ୍ଦ୍ରର ଅବଦାନ ୯୫ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ମନରେଗା ଯୋଜନା ଅଧୀନରେ ଏହା ୮୬ ହଜାର କୋଟି ଟଙ୍କା ରହିଥିଲା । ଗ୍ରାମୀଣ ନିଯୁକ୍ତି କ୍ଷେତ୍ର ପାଇଁ ସରକାରଙ୍କ ନିରନ୍ତର ପ୍ରୟାସ ଓ ସମର୍ଥନକୁ ଏହା ପ୍ରତିପାଦନ କରୁଛି ବୋଲି ସେ କହିଛନ୍ତି । ଏକ ଇଂରାଜୀ ଦୈନିକ ପତ୍ରିକାରେ ଲେଖା ପ୍ରକାଶ କରି ଶ୍ରୀ ଚୌହାନ କହିଛନ୍ତି, ବିକଶିତ ଭାରତ ଜିରାମଜି ଆଇନ-୨୦୨୫ ନିଶ୍ଚିତ ନିଯୁକ୍ତିକୁ ୧୨୫ ଦିନକୁ ବୃଦ୍ଧି କରିଛି । ଏହି ଆଇନ ଅଧୀନରେ କେବଳ କାର୍ଯ୍ୟକାରୀ ସଂସ୍ଥା ଭାବରେ ନୁହେଁ, ବରଂ ପ୍ରତ୍ୟେକ ରାଜ୍ୟ ବିକାଶର ଅଂଶୀଦାର ଭାବେ ସାମିଲ ହେବେ । ବୈଧାନିକ ଢ଼ାଞ୍ଚା ମାଧ୍ୟମରେ ରାଜ୍ୟଗୁଡ଼ିକ ନିଜସ୍ୱ ଯୋଜନାକୁ ପ୍ରସ୍ତୁତ ଏବଂ କାର୍ଯ୍ୟକାରୀ କରିବାକୁ ଏହି ଆଇନରେ ଅଧିକାର ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି ।

ଶ୍ରୀ ଚୌହାନ କହିଛନ୍ତି, ମନରେଗା ଯୋଜନା ଅଧୀନରେ ୟୁପିଏ ସରକାର ୨ଲକ୍ଷ ୧୩ ହଜାର କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଇତିମଧ୍ୟରେ ୮ ଲକ୍ଷ ୫୩ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି । ବଜେଟ ଆବଣ୍ଟନରେ ୨୦୧୩-୧୪ରେ

ମନରେଗା ଯୋଜନା ଅଧୀନରେ ୩୩ ହଜାର କୋଟି ଟଙ୍କା ରହିଥିବା ବେଳେ ୨୦୨୪-୨୫ରେ ୮୬ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା । ମହିଳାଙ୍କ ଅଂଶ ଗ୍ରହଣ ୪୮ ପ୍ରତିଶତରୁ ୫୭ ପ୍ରତିଶତକୁ ବୃଦ୍ଧି ପାଇଛି । ୨୦୧୩ ମସିହା ସିଏଜି ରିପୋର୍ଟ ୟୁପିଏ ସରକାର ଅଧୀନରେ ମନରେଗା ଯୋଜନାର ପ୍ରକୃତ ସ୍ଥିତିକୁ ପ୍ରତିଫଳନ କରିଛି ବୋଲି ଶ୍ରୀ ଚୌହାନ କହିଛନ୍ତି । ଏହି ରିପୋର୍ଟରେ ୨୩ଟି ରାଜ୍ୟରେ ୪ ଲକ୍ଷ ୩୩ ହଜାରରୁ ଅଧିକ ନକଲି ଜବ୍‌କାର୍ଡ ବଣ୍ଟନ, ଅନିୟମିତତା କାର୍ଯ୍ୟ, ହିସାବ ବିହୀନ ବ୍ୟୟ ଆଦି ବିଷୟରେ ଉଲ୍ଲେଖ କରାଯାଇଛି ବୋଲି ଶ୍ରୀ ଚୌହାନ କହିଛନ୍ତି ।

---

# ପିଏମ୍-ପ୍ରେରଣାସ୍ଥଳ

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମବାର୍ଷିକୀ ଅବସରରେ ଆସନ୍ତାକାଲି ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ରାଷ୍ଟ୍ର ପ୍ରେରଣାସ୍ଥଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିବେ । ଏହି ସ୍ଥଳକୁ ଏକ ଐତିହାସିକ ଜାତୀୟ ସ୍ମାରକୀ ଏବଂ ନିରନ୍ତର ଜାତୀୟ ମହତ୍ତ୍ୱର ପ୍ରେରଣାଦାୟକ ଭାବେ ବିକଶିତ କରାଯାଇଛି । ୬୫ଏକର ପରିବ୍ୟାପ୍ତ ଏହି ସ୍ଥଳୀ ନିର୍ମାଣ ପାଇଁ ପ୍ରାୟ ୨୩୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ନେତୃତ୍ୱ, ମୂଲ୍ୟବୋଧ, ଜାତୀୟ ସେବା, ସାଂସ୍କୃତିକ ଚେତନା ଓ ସାର୍ବଜନୀନ ପ୍ରେରଣାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ସ୍ଥଳୀକୁ ଏକ ଜାତୀୟ ସମ୍ପତ୍ତି ଭାବେ ଉତ୍ସର୍ଗ କରାଯିବ । ଏହି ସ୍ଥଳୀରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଏବଂ ଅଟଳ ବିହାରୀ ବାଜପେୟୀଙ୍କ ୬୫ ଫୁଟ ଉଚ୍ଚତାର ବ୍ରୋଞ୍ଜ ପ୍ରତିମୂର୍ତ୍ତି ରହିଛି । ପ୍ରାୟ ୯୮ ହଜାର ବର୍ଗଫୁଟ ଅଞ୍ଚଳରେ ପଦ୍ମ ଆକୃତିରେ ଗଠନ କରାଯାଇଥିବା ଏହି ସ୍ଥଳୀରେ ଏକ ଅତ୍ୟାଧୁନିକ ସଂଗ୍ରହାଳୟ ରହିଛି । ଦେଶର ଯାତ୍ରା ଏବଂ ଦୂରଦୃଷ୍ଟି ସଂପନ୍ନ ନେତାଙ୍କ ଅବଦାନକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସେଠାରେ ପ୍ରଦର୍ଶନ କରାଯିବାର ବ୍ୟବସ୍ଥା ରହିଛି ।

---

# ଧନୁଯାତ୍ରା

ବରଗଡ଼ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଆଜିଠାରୁ ଆରମ୍ଭ ହୋଇଛି। ସହରର ହାଟପଦା ପଡିଆରେ ରାଜ ଦରବାର ଓ ନିଶାମଣି ସ୍କୁଲ ପଡିଆରେ ରଙ୍ଗମହଲ ତିଆରି ହୋଇଛି। ଗୋପପୁର କାର୍ଯ୍ୟକ୍ରମ ଲାଗି ଆମ୍ବାପାଲିଠାରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବରଗଡ଼ର ଧନୁଯାତ୍ରା ହେଉଛି ଓଡ଼ିଶାର ସମୃଦ୍ଧ କଳା ଓ ସଂସ୍କୃତିର ବାର୍ତ୍ତାବହ ଏବଂ ବିଶ୍ୱର ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ । ଏହି ଅବସରରେ ଆଜି ବରଗଡ଼ ଗାନ୍ଧିଛକଠାରୁ ସମଲେଶ୍ୱରୀ ମନ୍ଦିରକୁ ଏକ ଶୋଭାଯାତ୍ରା ବାହାରିବ। ସେଠାରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ଧନୁଯାତ୍ରା ପାଇଁ ପ୍ରସ୍ତୁତ ହାଟପଦା ରାଜଦରବାରରେ ପହଞ୍ଚିବ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଅବସରରେ ଶୁଭେଚ୍ଛା ଜଣାଇ କହିଛନ୍ତି, ବିଶାଳ ମୁକ୍ତାକାଶ ରଙ୍ଗମଞ୍ଚର ଅନନ୍ୟ ପରମ୍ପରା ମହୋତ୍ସବକୁ ଦେଶ ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ପୌରାଣିକ କଥାବସ୍ତୁର ଜୀବନ୍ତ ଉପସ୍ଥାପନା ମାଧ୍ୟମରେ ସାମାଜିକ, ଆଧ୍ୟାତ୍ମିକ ଚେତନା ଓ ସାଂସ୍କୃତିକ ଗୌରବ ଆହୁରି ପରିପୃଷ୍ଟ ହେବ ବୋଲି ରାଷ୍ଟ୍ରପତି ମୁର୍ମୁ ଆଶାବ୍ୟକ୍ତ କରିଛନ୍ତି।

୧୧ ଦିନ ଧରି ଚାଲିବାକୁ ଥିବା ଏହି ଧନୁଯାତ୍ରା ପାଇଁ ବରଗଡ଼ ସହର ଉତ୍ସବମୁଖର ହୋଇଉଠିଛି।

# ଭିପି-ଇକନମିକ୍ ଟ୍ରାନ୍ସଫର୍ମେସନ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ କହିଛନ୍ତି, ସ୍ୱଚ୍ଛତା, ଦକ୍ଷତା ଏବଂ ଅନ୍ତର୍ଭୁକ୍ତିକୁ ପ୍ରାଥମିକତା ପ୍ରଦାନ କରି ଭାରତ ଗଠନମୂଳକ ସଂସ୍କାର ଆଡ଼କୁ ଅଗ୍ରଗତି କରୁଛି । ନୂଆଦିଲ୍ଲୀରେ ଏକ ପୁସ୍ତକ ଉନ୍ମୋଚନ କରିବା ଅବସରରେ ଶ୍ରୀ ରାଧାକ୍ରିଷ୍ଣନ ଏହା କହିଛନ୍ତି । ଡକ୍ଟର ସିକନ୍ଦର କୁମାରଙ୍କ ଦ୍ୱାରା ଲିଖିତ 'ଇକନମିକ ଏମ୍‌ପାୱାରମେଣ୍ଟ ଅଫ୍ ଭାରତ ଇନ୍ ଦ ମୋଦି ଏରା' ପୁସ୍ତକ ଉନ୍ମୋଚନ କରିବା ଅବସରରେ ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ଦଶନ୍ଧି ମଧ୍ୟରେ ଭାରତରେ ଉଲ୍ଲେଖନୀୟ ଅର୍ଥନୈତିକ ପରିବର୍ତ୍ତନ ଆସିବା ସହ ଭିତ୍ତିଭୂମି ବିକାଶ କ୍ଷେତ୍ର ଅଧିକ ସୁଦୃଢ଼ ହୋଇଛି । ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ' ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ପାଲଟିବା ସହିତ ତୃତୀୟ ବୃହତ ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଛି ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

# ଭୂପେନ୍ଦ୍ର ଯାଦବ-ଆରାବଲୀ

ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଆରାବଳୀ ପର୍ବତ ନେଇ ସୁପ୍ରିମକୋର୍ଟଙ୍କ ରାୟ ସଂପର୍କରେ କେତେକ ରାଜନୈତିକ ଦଳ ଭୁଲ୍ ସୂଚନା ପ୍ରସାରଣ କରୁଛନ୍ତି ବୋଲି କହିଛନ୍ତି। ଆକାଶବାଣୀ ସମ୍ବାଦ ବିଭାଗ ସହିତ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ଶ୍ରୀ ଯାଦବ କହିଛନ୍ତି, ବିଶେଷକରି କଂଗ୍ରେସ ସୁପ୍ରିମକୋର୍ଟଙ୍କ ରାୟର ଭୁଲ୍ ବ୍ୟାଖ୍ୟା କରିବା ସହିତ ନିଜର ରାଜନୈତିକ ସ୍ୱାର୍ଥ ସାଧନା ପାଇଁ ବ୍ୟବହାର କରୁଛି । ଦେଶବାସୀ' ବିରୋଧୀଙ୍କ ଏହି ଅପପ୍ରଚାରକୁ ପ୍ରତ୍ୟାଖ୍ୟାନ କରିବେ ବୋଲି ମନ୍ତ୍ରୀ ଯାଦବ କହିଛନ୍ତି ।

**V/O**

ଆରାବଳୀ ପର୍ବତମାଳାର ଗୁରୁତ୍ୱ  ଉପରେ ଆଲୋକପାତ କରି ଶ୍ରୀ ଯାଦବ କହିଛନ୍ତି, ସେହି ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ପ୍ରମୁଖ ଉତ୍ସ ରହିଛି । ଏହା ଦେଶର ଅର୍ଥନୀତି ଏବଂ ଶିଳ୍ପ ଅଭିବୃଦ୍ଧି ପାଇଁ  ଆବଶ୍ୟକ । ତେବେ କେନ୍ଦ୍ର ସରକାର ସଂରକ୍ଷଣ ପାଇଁ ସଂପୂର୍ଣ୍ଣ ପ୍ରତିବଦ୍ଧ ବୋଲି ଶ୍ରୀ ଯାଦବ କହିଛନ୍ତି । ଜଙ୍ଗଲାଞ୍ଚଳର ପୁନରୁଦ୍ଧାର ଏବଂ ପରିବେଶଗତ ସ୍ଥିରତାକୁ ଉନ୍ନତ କରିବା ପାଇଁ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ଶ୍ରୀ ଯାଦବ କହିଛନ୍ତି ।

---

# ଡବ୍ଲୁବି କୋର୍ଟ ଓ୍ୱାକଫ

ଓ୍ୱାକଫ୍ ସଂଶୋଧନ ଆଇନକୁ ବିରୋଧ କରି ପଶ୍ଚିମବଙ୍ଗରେ ହୋଇଥିବା ପ୍ରତିବାଦ ସମୟରେ ୨ ଜଣଙ୍କୁ ହତ୍ୟା କରିବା ଅଭିଯୋଗ ନେଇ ସମସ୍ତ ୧୩ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି । ମୁର୍ସିଦାବାଦ ଜିଲ୍ଲାର  ଜାଙ୍ଗୀପୁର ସବ୍‌ଡିଭିଜନାଲ୍ କୋର୍ଟ ଏହି ମାମଲାରେ ଅଭିଯୁକ୍ତ ୧୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି ।

ସବ୍‌ଡିଭିଜନାଲ୍ କୋର୍ଟ ବିଚାରପତି ଅମିତାଭ ମୁଖୋପାଧ୍ୟାୟ ଗତକାଲି ଏହି ମାମଲାର ରାୟ ପ୍ରକାଶ କରି କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ବାବଦରେ ୧୫ଲକ୍ଷ ଟଙ୍କା ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗତ ଏପ୍ରିଲ୍ ମାସରେ ଓ୍ୱାକଫ ସଂଶୋଧନ ବିଲ୍‌କୁ ନେଇ ଘଟିଥିବା ପ୍ରତିବାଦରେ ସମ୍‌ସେରଗଞ୍ଜ ଅଞ୍ଚଳର  ଜଣେ ପିତା ଓ ପୁତ୍ରଙ୍କୁ ହତ୍ୟା କରାଯାଇଥିଲା । ଘଟଣାର ତଦନ୍ତ ପାଇଁ ଜିଲ୍ଲା ପୋଲିସ୍ ପକ୍ଷରୁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଥିଲା । ବିଚାର ପ୍ରକ୍ରିୟା ଗତ ୧୬ ତାରିଖ ପର୍ଯ୍ୟନ୍ତ ଜାରି

ରହିଥିଲା। ସାକ୍ଷୀ, ଫୋରେନସିକ୍ ରିପୋର୍ଟ, ତଦନ୍ତ ରିପୋର୍ଟ ଏବଂ ଅନ୍ୟାନ୍ୟ ଯାଞ୍ଚ ପ୍ରମାଣକୁ ଭିତ୍ତିକରି କୋର୍ଟ ତାଙ୍କ ରାୟ ପ୍ରଦାନ କରିଛନ୍ତି ।